ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 06-01-2026

ମୟୂରଭଞ୍ଜ(ଓଡିଶା) - :2026-01-06 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-01-07 | 2026-01-08 | 2026-01-09 | 2026-01-10 | 2026-01-11 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 22.0 | 23.0 | 24.0 | 24.0 | 25.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 10.0 | 10.0 | 11.0 | 11.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 61 | 58 | 58 | 54 | 56 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 27 | 26 | 24 | 21 | 26 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 5 | 4 | 6 | 5 |
| ପବନର ଦିଗ (ଡିଗ୍ରୀ) | 343 | 340 | 338 | 337 | 326 |
| ମେଘାଛନ୍ନ (ଅକ୍ଟା) | 0 | 0 | 2 | 3 | 3 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ସ୍ୱଚ୍ଛରୁ ମୁଖ୍ୟତଃ ସ୍ୱଚ୍ଛ ଆକାଶ ସହିତ ଜିଲ୍ଲାରେ ଆଗାମୀ ୫ ଦିନ ପାଗ ଶୁଖିଲା ରହିବାର ସମ୍ଭାବନା ଅଛି | ଆସନ୍ତା ୫ ଦିନ ପାଇଁ ଭାରତ ପାଣିପାଗ ବିଭାଗ ଦ୍ୱାରା ଜିଲ୍ଲା ପାଇଁ କୌଣସି ସଚେତନତା ସୂଚନା ଜାରି କରାଯାଇଛି ନାହିଁ। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ହାରାହାରି ୪.୦ ରୁ ୬.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ | ସର୍ବାଧିକ ତାପମାତ୍ରା ୨୨.୦°C ରୁ ୨୫.୦°C ମଧ୍ୟରେ ହୋଇପାରେ | ସର୍ବନିମ୍ନ ତାପମାତ୍ରା ୧୦.୦°C ରୁ ୧୨.୦°C ମଧ୍ୟରେ ରହିପାରେ | ସକାଳେ ଆପେକ୍ଷିକ ଆଦ୍ରତା ୫୪ ରୁ ୬୧ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୨୧ ରୁ ୨୭ ପ୍ରତିଶତ ମଧ୍ୟରେ ରହିପାରେ |

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ସତର୍କ ସୂଚନା ନାହିଁ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| କୌଣସି ପ୍ରଭାବ ନାହିଁ। |

**ସାଧାରଣ ଉପଦେଶ:**

| |
|---|
| ଅମଳ ହୋଇଥିବା ଧାନ କୁ ବେଙ୍ଗଳା କରି ଦିଅନ୍ତୁ । ବେଙ୍ଗଳା କରି ସାରିବା ପରେ ଧାନ କୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ, ଖାଦ୍ୟ ଉପଯୋଗୀ ପାଇଁ ଶତକଡା ୧୪ ଭାଗ ଆର୍ଦ୍ରତା ଏବଂ ବିହନ ପାଇଁ ଶତକଡା ୧୨ ଭାଗ ଆର୍ଦ୍ରତା ରେ ସାଇତି ରଖନ୍ତୁ । ମୂଷା ଦାଉରୁ ରକ୍ଷା କରିବା ନିମନ୍ତେ ୯୬ ଗ୍ରାମ ଅଟା, ୨ ଗ୍ରାମ ତେଲ ଏବଂ ୨ ଗ୍ରାମ ଜିଙ୍କ ଫସଫାଇଡ୍ କୁ ମିଶାଇ ୧୦୦ ଗ୍ରାମ ବିଷଥୋପ ତିଆରି କରି ବ୍ୟବହାର କରନ୍ତୁ । ଅଦିନିଆ ବର୍ଷା ଦାଉରୁ ରକ୍ଷା କରିବା ନିମନ୍ତେ ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତାରେ ଭର୍ତ୍ତି କରି ସୁରକ୍ଷିତ ସ୍ଥାନରେ ଭଲ ଭାବରେ ଘୋଡାଇ ରଖନ୍ତୁ । ଜଳସେଚନ ର ସୁବିଧା ଥିବା ଜମିରେ ମୁଗ ଓ ବିରି ଲଗାଇବା ନିମନ୍ତେ ଜମି ପ୍ରସ୍ତୁତ କରନ୍ତୁ, ଜମିର ବତର ଦେଖି ମଧ୍ୟମ କିମ୍ବା ନିମ୍ନ ଜମିରେ ରବି ଜାତୀୟ ଚିନାବାଦାମ, ଝୁଡଙ୍ଗ ଆଦି ଫସଲ ଲଗାନ୍ତୁ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ବେଙ୍ଗଳା କରି ସାରିବା ପରେ ଧାନ କୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ, ଖାଦ୍ୟ ଉପଯୋଗୀ ପାଇଁ ଶତକଡା ୧୪ ଭାଗ ଆର୍ଦ୍ରତା ଏବଂ ବିହନ ପାଇଁ ଶତକଡା ୧୨ ଭାଗ ଆର୍ଦ୍ରତା ରେ ସାଇତି ରଖନ୍ତୁ । ବର୍ତ୍ତମାନ ଡାଲୁଅ ଧାନ ର ତଳିଘେରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ । ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମିଲ ତଳିଘେରା ଆବଶ୍ୟକ ହୋଇଥାଏ । ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମନସ୍ୱାନୀ, ଡିଆରଆର ୪୨, ଡିଆରଆର ୪୩, ଡିଆରଆର ୪୪, ବୀଣା ୧୧, ଜିବି-୧, ଉନ୍ନତ, ଲଲାଟ, ଏମଟିୟୁ ୧୦୧୦, ଏମଟିୟୁ ୧୦୦୧, ନବୀନ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଏକ ଏକର ଚାଷ ପାଇଁ ୨୦ କିଗ୍ରା ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଏବଂ ଥିରାମ ର ମିଳିତ ଫିମ୍ପିନାଶକ କୁ ମିଶାଇ ବିହନ ବିଶୋଧନ କରନ୍ତୁ । |
| ସୋରିଷ | ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ବର୍ତ୍ତମାନ ସମୟରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ପ୍ରାଥମିକ ଅବସ୍ଥାରେ ଜଉ ସପାକର ପରିଚାଳନା ପାଇଁ ଏକର ପ୍ରତି ୮-ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ଏକର ପ୍ରତି ୬୦୦-ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖା ଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦- ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ବର୍ତ୍ତମାନ ସମୟରେ କରତିଆ ମାଛି ଲାଗିବାର ସମ୍ଭାବନା ଅଛି । କରତିଆ ମାଛିର ଶୂକ କଅଁଳିଆ ପତ୍ର ଗୁଡିକୁ ଖାଇ ଜାଲି ପରି କରି ଦିଅନ୍ତି । ଗଛର କଅଁଳିଆ ଅଗ କୁ କୋରି ଖାଆନ୍ତି । ବୟସ୍କ ଗଛ ରେ ଏହି ପୋକର ଆକ୍ରମଣ ଦେଖା ଦେଲେ ମଞ୍ଜି ହୁଏ ନାହିଁ । ସୋରିଷ ଫସଲରେ କରତିଆ ମାଛିର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ବିହନ ବୁଣିବାର ୩-୪ ସପ୍ତାହ ମଧ୍ୟରେ ଜଳସେଚନ କରିବା ଦ୍ୱାରା ଏହି ପୋକ ର ଶୂକ ଗୁଡିକ ପାଣିରେ ବୁଡ଼ି ମରିଯାନ୍ତି । ନିୟମିତ ଭାବରେ ସକାଳ ଓ ସନ୍ଧ୍ୟା ସମୟରେ ଫସଲ ର ପର୍ଯ୍ୟବେକ୍ଷଣ କରି ଶୂକ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ଏକର ପ୍ରତି ୨୦୦-ମିଲି Ethofenprox ନାମକ କୀଟନାଶକ କିମ୍ବା Chlorpyriphos ଓ Cypermethrin ର ମିଳିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ସୋରିଷ: ରୋଗ ପରିଚାଳନା (ନିମ୍ନମୁଖୀ ରୋଗ) ପାଉଁଶିଆ ରୋଗ ଦେଖାଦେଲେ ପତ୍ରର ଉପର ଭାଗରେ ଫିକା ସବୁଜ ରୁ ହଳଦିଆ ଦାଗ ଏବଂ ପତ୍ରର ତଳ ଭାଗ ପାଉଁଶିଆ ଦେଖାଯାଏ । ପତ୍ର ଶୀଘ୍ର ଶୁଖି ଝଡିପଡେ । ଏହି ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ -ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ କିମ୍ବା ୩-ଗ୍ରାମ Fosetyl -AL ନାମକ ଫିମ୍ପିନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |
| ବାଦାମ | ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ବୁଣିବାର ୧-୨ ଦିନ ମଧ୍ୟରେ, ୮୦-ମି.ଲି Oxyfluorfen ନାମକ ଘାସମରା ଔଷଧ କିମ୍ବା ୧-ଲିଟର Pendimethalin ନାମକ ଘାସମରା ଔଷଧ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମଞ୍ଜି |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ବୁଣିବାର ୩-ଦିନ ମଧ୍ୟରେ କୌଣସି ଘାସମରା ଔଷଧ ପ୍ରୟୋଗ କରିନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦-ମିଲି Imazethapyr ନାମକ ଘାସମରା ଔଷଧ ଏବଂ କେବଳ ସରୁ ପତ୍ରିଆ ଘାସ ପାଇଁ ଏକର ପ୍ରତି ୪୦୦-ମିଲି Quizalofop Ethyl ନାମକ ଘାସମରା ଔଷଧ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସର୍ବଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ମାଟିରେ ବତର ଥିବା ଅବସ୍ଥାରେ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଞ୍ଚନ କରନ୍ତୁ । ଚିନାବାଦାମ: ଶୋଷକ ପୋକ ପରିଚାଳନା ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକର ପରଚିାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଚିନାବାଦାମ: ରୋଗ ପରିଚାଳନା (ଗଜାମରା ବା ବେକ ଶଢା ରୋଗ) ଚିନାବାଦାମ ଫସଲସର ଗଜାମରା ରୋଗ ଦେଖାଦେଲେ ମଞ୍ଜି ମାଟି ଭିତରେ ସଢିଯାଏ କିମ୍ବା ଛୋଟ ଗଛର ମୂଳ ସଢିଯାଏ । ଗଛ ଝାଉଁଳି ମରିଯାଏ । ଏହି ରୋଗର ପରଚିାଳନା ପାଇଁ ବିହନ ବୁଣିବା ପୂର୍ବରୁ ବିହନ ବିଶୋଧନ କରିବା ଉଚିତ । ବିହନ ବିଶୋଧନ କରିବା ପାଇଁ ବିହନକୁ ଭଲ ଭାବେ ଖରାରେ ଶୁଖାଇ, ଏକ କିଲୋଗ୍ରାମ ବିହନରେ ୨-ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ କୁ ମିଶାଇ ବିଶୋଧନ କରନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୧୦- କିଲୋଗ୍ରାମ ଟ୍ରାଇକୋଡର୍ମା ଭିରିଡି ଜୈବିକ ଫିମ୍ପିନାଶକ, ୨୦୦- କିଲୋଗ୍ରାମ ନିମ୍ବ ପିଡିଆ କିମ୍ବା କରଞ୍ଜ ପିଡିଆକୁ ମାଟିରେ ପ୍ରୟୋଗ କରି ଭଲଭାବରେ ମିଶାଇ ଦିଅନ୍ତୁ । ଗଜା ବାହାରିବା ସମୟରେ ରୋଗ ଦେଖାଦେଲେ ଏକର ପ୍ରତି ୪୦୦- ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ Thiophanate Methyal ନାମକ ଫିମ୍ପିନାଶକ କିମ୍ବା ୪୦୦-ମିଲି Difenoconazole ନାମକ ଫିମ୍ପିନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମସୁର/ହରଡ଼ | ହରଡ଼ ଗଛରେ ୭୦-୮୦ ଶତକଡା ଛୁଇଁ ଗୁଡିକ ହଳଦିଆ ରୁ ବାଦାମି ରଙ୍ଗ ର ଦେଖାଦେଲେ ଅମଳ କରନ୍ତୁ । ଛୁଇଁଗୁଡକି ଅଧିକ ଶୁଖିଗle ମଞ୍ଜି ଝଡିପଡିବାର ସମ୍ଭାବନା ଥାଏ । ଅମଳ କରିବା ପାଇଁ ଶୁଖିଲା ପାଗ ଦେଖି ଦା ସାହାଯ୍ୟରେ ଗଛ କୁ କାଟି ୩-୬ ଦିନ ଟାଣ ଖରାରେ ଶୁଖାନ୍ତୁ । ଏହା ପରେ ବାଡି ସାହାଯ୍ୟରେ ବାଡେଇ ମଞ୍ଜି ଗୁଡିକୁ ଅମଳ କରନ୍ତୁ । ମଞ୍ଜି ଗୁଡିକୁ ସଫା କରି ଆର୍ଦ୍ରତା ୧୦-୧୨ ଶତକଡା ରଖିବା ପାଇଁ ଟାଣ ଖରାରେ ଶୁଖାନ୍ତୁ । ହରଡ଼ ବିହନ ରୁ ଡାଲି କରିବା ପାଇଁ Composite mini Dal mill ବ୍ୟବହାର କରନ୍ତୁ । ବିହନକୁ ସାଇତି ରଖିବା ସମୟରେ ପ୍ରତି କୁଇଣ୍ଟାଲ ଦାନା ପିଛା ୨୫୦ ମିଲି ଯେକୌଣସି ଖାଇବା ତେଲରେ ବିହନକୁ ଗୋଳାଇ ରଖିଲେ ପୋକ ଲାଗିବାର ସମ୍ଭାବନା କମିଯାଏ । ଏହା ବଦଳରେ ଛାଇରେ ଶୁଖା ଯାଇଥିବା ବେଗୁନିଆ ପତ୍ର କିମ୍ବା ନିମ୍ବ ପତ୍ର ୧ କିଲୋଗ୍ରାମ ପ୍ରତି କୁଇଣ୍ଟାଲ ଦାନା ବସ୍ତାରେ ମିଶାଇ ରଖିଲେ ପୋକ ଲାଗି ନ ଥାଏ । ପ୍ରତି କିଲୋଗ୍ରାମ ମଞ୍ଜି ପାଇଁ ଗୋଟିଏ ଗନ୍ଧକର୍ପୂର ବଟିକାକୁ ହରଡ଼ ବିହନ ଥିବା ଅଖା ରେ ରଖିଲେ ପୋକ ଲାଗିବାର ସମ୍ଭାବନା କମିଯାଏ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବାଇଗଣ ଫସଲ ୩୦ ଦିନର ହୋଇଗଲେ କୋଡାଖୋସା କରିଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ବାଇଗଣ ଫସଲ ୪୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଇଗଣ ଚାରା ଲଗେଇବାର ୩୦ ଦିନରେ ଏବଂ ୬୦ ଦିନ ରେ ପ୍ରତି ଲିଟର ପାଣି ରେ ୩-ଗ୍ରାମ ମିଶ୍ରିତ ଅଣୁସାର ମିଶାଇ ସିଞ୍ଚନ କରନ୍ତୁ । |
| ଫୁଲକୋବି | ଫୁଲ କୋବି ଫସଲରେ ସାଧାରଣତଃ ବୋରନ ଅଣୁସାର ର ଅଭାବ ଦେଖାଦେଲେ କୋବି ଗଛ ର କାଣ୍ଡ, ପତ୍ର ଉପରେ ପାଣି ଭିଜା ହାଲକା ରୁ ଧୂସର ରଙ୍ଗର ଦାଗମାନ ଦେଖାଯାଏ। ଏହା ବ୍ୟତୀତ କାଣ୍ଡ ଫମ୍ପା ହୋଇଥାଏ । ଫୁଲ ଉପରେ ମଧ ଅନିୟମିତ ପାଣିଭିଜା ଦାଗମାନ ଦେଖାଯାଏ ଏବଂ ଫୁଲ କ୍ରମଶଃ ଧୂସର ବାଦାମୀ ରଙ୍ଗ ର ହୋଇଯାଏ । ଫୁଲ ଛୋଟ ହେବା ସହିତ ଏହାର ସ୍ୱାଦ ତିକ୍ତ ବା ପିତା ହୋଇଥାଏ । ତେଣୁ କୋବି ଫସଲରେ ବୋରନ ଅଣୁସାର ର ଅଭାବ ଜନତି ଗଠନଗତ ସମସ୍ୟାର ପରିଚାଳନା ପାଇଁ ଏକର ପ୍ରତି ୪-କିଲୋଗ୍ରାମ ବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରିନଥିଲେ ଚାରା ରୋପଣ ର ୨ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ Borax କିମ୍ବା ୧-୧.୫ ଗ୍ରାମ Folibor କିମ୍ବା Solubor ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ। |
| ଆଳୁ | ଆଳୁ ଲଗେଇବାର ୩ ସପ୍ତାହ ବେଳକୁ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ ।ଏହା ପରେ ଏକର ପ୍ରତି ୨୬ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର କୁ ଆଳୁ ଗଛ ଧାଡିର ଦୁଇ ପାଖରେ ୩-୪ ସେମି ଦୂରତାରେ ୨-୩ ସେମି ଗଭୀର ରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ପ୍ରଥମ ହୁଡା ଦେବାର ୩ ସପ୍ତାହ ବେଳକୁ ଆଳୁ ଗଛ ଦୁଇ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଧାଡିର ମଝି ମାଟିକୁ ଭଲ ଭାବରେ ଖୁସାଇ ଘାସ ବାଛି ଦିଅନ୍ତୁ । ଏହି ସମୟରେ ଏକର ପ୍ରତି ୨୬ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର କୁ ଆଳୁ ଗଛ ଧାଡିର ଦୁଇ ପାଖରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ହୁଡା ଚଉଡା ଓ ମଜଭୁତ ରଖିଲେ ଜଳଧାରଣ ଶକ୍ତି ବଢିଥାଏ ଏବଂ ଆଳୁ ଗଛ ଭଲ ଭାବରେ ବଢି ଅମଳ ଭଲ ହୋଇଥାଏ । ମାଟିର କିସମ ଓ ବତର ଦେଖି ସିଆର ରେ ପ୍ରତି ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ । ସିଆର ରେ ଜଳସେଚନ କରିବା ସମୟ ରେ ହୁଡା ର ୨/୩ ଅଂଶ ବୁଡିବା ପର୍ଯ୍ୟନ୍ତ ପାଣି ଦିଅନ୍ତୁ । ବର୍ତ୍ତମାନ ସମୟରେ ଆଳୁ ଫସଲରେ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ରହିଛି । ଆଳୁ ଫସଲ ରେ ସଅଳ ପତ୍ରପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଳୁଫସଲରେ ଉଛୁର ପତ୍ରପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Metalaxyl ଆଉ Mancozeb ର ମିଳିତ ଫିମ୍ପିନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ପିଆଜ ତଳିଘରା ରେ ଘରାକଟା ରୋଗ ନ ହେବା ପାଇଁ ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୨.୫-ଗ୍ରାମ Metalaxyl ଆଉ Mancozeb ର ମିଳିତ ଫିମ୍ପିନାଶକ କୁ ମିଶାଇ ପ୍ରତି ୧୫ ଦିନ ଅନ୍ତର ରେ ମାଟିକୁ ଭିଜାନ୍ତୁ । ମାଟିର ବତର ଦେଖି ପାଣି ଦିଅନ୍ତୁ । ତଳିଘରାରେ ଥିବା ଅନାବନା ଘାସ କୁ ହାତରେ ବାଛି ଦିଅନ୍ତୁ । ପିଆଜ ତଳି ଗୁଡିକ ୧୨ ରୁ ୧୫ ସେମି ଉଚ୍ଚା କିମ୍ବା ୮-ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । |
| ମରିଗଲଦ | ପ୍ରଚଳିତ ପାଣିପାଗ ଅବସ୍ଥାରେ ନାଳି ବୁଢିଆଣୀ ଅଷ୍ଟପଦୀ ସଂକ୍ରମଣ ହେବାର ସମ୍ଭାବନା ଅଛି ।ନାଳି ବୁଢିଆଣୀ ଅଷ୍ଟପଦୀ ପୋକର ପରିଚାଳନା ନିମନ୍ତେ ପ୍ରତି ଲିଟର ପାଣିରେ ୨-ମିଲି ପ୍ରୋପାରଜାଇଟ କିମ୍ବା ୨-ମିଲି ଫେନପାଇରୋକ୍ସିମେଟ ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |

### ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଲହରୀ ପାଇଁ ହଳଦିଆ ସତର୍କ ସୂଚନା ଜାରି ହୋଇଛି। ଗୁହାଳରେ ପବନ ଚଳଚଳ ପାଇଁ ଖାଲି ସ୍ଥାନ ଥିଲେ ରାତିରେ ଏହାକୁ ବନ୍ଦ କରନ୍ତୁ। ଗାଈ ମାନଙ୍କୁ ସାଧାରଣ ପାଣି ବଦଳ ରେ ଉଷୁମ ପାଣି ପିଇବାକୁ ଦିଅନ୍ତୁ। |

### କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | ଆଗାମୀ ଦିନ ରେ ତାପମାତ୍ରା କମିବା ହେବା ର ଆଶଙ୍କା ଥିବାରୁ କୁକୁଡା ଚିଆଁ ପିଛା ୨ ୱାଟ ହିସାବ ରେ ଲାଇଟ ବଲ୍ବ ଲଗାନ୍ତୁ। କୁକୁଡା ଘରେ ପବନ ଚଳଚଳ ପାଇଁ ଖାଲି ସ୍ଥାନ ଥିଲେ ରାତିରେ ଏହାକୁ ବନ୍ଦ କରନ୍ତୁ। କୁକୁଡା ମାନଙ୍କୁ ସାଧାରଣ ପାଣି ବଦଳ ରେ ଉଷୁମ ପାଣି ପିଇବାକୁ ଦିଅନ୍ତୁ। |

### ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| କୌଣସି ପ୍ରଭାବ ନାହି। |

### ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| କୌଣସି ସତର୍କ ସୂଚନା ନାହି। |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**